# NATIONAL NEWS BULLETIN (ODIA)

**28 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାର ଆଜି ବି ପ୍ରାସଙ୍ଗିକତା ରହିଛି, କହିଲେ ରାଷ୍ଟ୍ରପତି

- କର୍ଣ୍ଣାଟକର ଉଡୁପିରେ ଲକ୍ଷକଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ

- ୨୦୨୫ ମସିହା ଏସିଆ ପାୱାର ଇଣ୍ଡେକ୍ସରେ ତୃତୀୟ ସ୍ଥାନ ଅଧିକାର କରିଛି ଭାରତ

- ଭାରତକୁ ଏକ ନିର୍ଭରଯୋଗ୍ୟ ଅଂଶୀଦାର ଭାବେ ଦେଖୁଛି ବିଶ୍ୱ, କହିଲେ ପ୍ରତିରକ୍ଷାମନ୍ତ୍ରୀ

ଏବଂ

- ଆସନ୍ତା ରବିବାର ଦିନ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

## ପ୍ରେଜ୍-ଲକ୍ଷ୍ମୌ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସାମାଜିକ ବ୍ୟବସ୍ଥାକୁ ଅଧିକ ସମାବେଶୀ, ଶାନ୍ତିପୂର୍ଣ୍ଣ, ସୁସ୍ଥ ଏବଂ ମୂଲ୍ୟଯୁକ୍ତ କରିବା ଲାଗି ଭାରତ ସରକାର ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି, ଆନ୍ତର୍ଜାତିକ ଯୋଗ ଦିବସ ସେଭଳି ଏକ ବ୍ୟବସ୍ଥା, ଯାହା

ଦେଶବାସୀଙ୍କ ସ୍ୱାସ୍ଥ୍ୟ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଆଜି ବ୍ରହ୍ମାକୁମାରୀଙ୍କ ବାର୍ଷିକ କାର୍ଯ୍ୟକ୍ରମ 'ବିଶ୍ୱଶାନ୍ତି ଓ ଏକତା ପାଇଁ ଧ୍ୟାନ'ର ଶୁଭାରମ୍ଭ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ପୁରାତନ ସଭ୍ୟତା ସବୁବେଳେ ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଛି । ସେ କହିଛନ୍ତି, ଆଜି ବିଶ୍ୱ ଯେତେବେଳେ ଅନେକ ଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି, ସେତେବେଳେ ଏହି ବାର୍ତ୍ତାର ପ୍ରାସଙ୍ଗିକତା ଅନୁଭବ କରିହେଉଛି । ଏ କ୍ଷେତ୍ରରେ ବ୍ରହ୍ମାକୁମାରୀଙ୍କ ଦ୍ୱାରା ଆୟୋଜିତ ଅଭିଯାନ ମହତ୍ତ୍ୱ ରଖେ ବୋଲି ରାଷ୍ଟ୍ରପତି କହିଛନ୍ତି। ସମାବେଶକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ନୂତନ ଜାତୀୟ ଶିକ୍ଷାନୀତିରେ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି ।

ଆଜି ଅପରାହ୍ଣରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୬୧ ବର୍ଷ ବ୍ୟବଧାନରେ ଲକ୍ଷ୍ନୌରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୩୩ ହଜାର ସ୍କାଉଟ୍, ଗାଇଡ୍, ରୋଭର୍ ଏବଂ ରେଞ୍ଜରମାନେ ଯୋଗଦେବେ । କାର୍ଯ୍ୟକ୍ରମରେ ମାଳଦ୍ୱୀପ, ନେପାଳ, ଶ୍ରୀଲଙ୍କା ଏବଂ ସାଉଦି ଆରବରୁ ୧୫୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବେ ବୋଲି ଜଣାପଡ଼ିଛି ।

---

## ପିଏମ୍-କର୍ଣ୍ଣାଟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କର୍ଣ୍ଣାଟକ ଓ ଗୋଆ ଗସ୍ତରେ ଯାଇଛନ୍ତି । ସେ କର୍ଣ୍ଣାଟକର ଉଡୁପିରେ ପହଞ୍ଚିବା ପରେ ଶ୍ରୀକୃଷ୍ଣ ମଠ ପରିଦର୍ଶନ କରି ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମରେ ସାମିଲ

ହୋଇଛନ୍ତି । ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ମୋଦୀ, ଗୀତା ପାରାୟଣ କାର୍ଯ୍ୟକ୍ରମର ଗୁରୁତ୍ୱ ସଂପର୍କରେ କହିଛନ୍ତି ।

**V/O (PM Urja)**

ସେ କୃଷ୍ଣ ଗର୍ଭଗୃହ ସମ୍ମୁଖରେ ଥିବା ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ ସହ ପବିତ୍ର କନକନା କିନ୍ଦୀ ପାଇଁ ସ୍ୱର୍ଣ୍ଣ ନିର୍ମିତ କନକ କବଚ ସମର୍ପଣ କରିଛନ୍ତି । ବିଶ୍ୱାସ କରାଯାଏ, ପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତ ସନ୍ଥ କନକ ଦାସଙ୍କ ପାଇଁ ସେଠାରେ ପବିତ୍ର ଦ୍ୱାର ଉନ୍ମୁକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ମୋଦୀ ଉଡୁପିରେ ସ୍ୱଚ୍ଛତାକୁ ପ୍ରଶଂସା କରି କହିଛନ୍ତି :

**V/O (PM Swachhata)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପହଞ୍ଚିବା ପରେ କର୍ଣ୍ଣାଟକର ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁରାଓ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରାୟ ୨ କିଲୋମିଟର ଧରି ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ'ରେ ଯାଉଥିବା ବେଳେ ଉଭୟ ପାର୍ଶ୍ୱରେ ଲକ୍ଷଲକ୍ଷ ଲୋକ ତାଙ୍କୁ ଦେଖିବା ପାଇଁ ଏକତ୍ରିତ ହୋଇଥିଲେ ।

ଆଜି ପ୍ରଧାନମନ୍ତ୍ରୀ ମୋଦୀ ସାରଦା ପଞ୍ଚାଷ୍ଟମ ଉତ୍ସବ ଅବସରରେ ଗୋଆରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ପର୍ତଗଳୀ ଜୀବୋତ୍ତମ ମଠର ୫୫୦ ବର୍ଷ ପୂର୍ତ୍ତି ସମାରୋହରେ ଭାଗ ନେବେ ।

କୁଶବତୀ ନଦୀ କୂଳରେ ପର୍ତଗଳୀରେ ଏହି ମଠର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ଏବଂ ସେଠାରେ ଆଜିଠାରୁ ୧୧ ଦିନିଆ ମହୋତ୍ସବର ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ ସେହି ମଠରେ ବ୍ରୋଞ୍ଜ ନିର୍ମିତ ଶ୍ରୀରାମଙ୍କ ୭୭ ଫୁଟ ଉଚ୍ଚର ଭବ୍ୟ ମୂର୍ତ୍ତି ଉନ୍ମୋଚନ କରିବେ ଏବଂ ୧୦ ହଜାର ବର୍ଗ ପରିମିତ ଅଞ୍ଚଳରେ ନିର୍ମିତ

ରାମାୟଣ ଥିମ୍ ପାର୍କ ଗାର୍ଡେନ୍‌ର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ସମ୍ବୋଧନ କରିବା ସହ ବିଶେଷ ଡାକ ଟିକଟ ଏବଂ ସ୍ମାରକ ମୁଦ୍ରାର ଉନ୍ମୋଚନ କରିବେ ।

---

## ଇଣ୍ଡିଆ-ର୍‌ୟାଙ୍କିଙ୍ଗ୍

୨୦୨୫ ମସିହା ଏସିଆ ପାୱାର ଇଣ୍ଡେକ୍ସରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି । ଏଥିରେ ଆମେରିକା ପ୍ରଥମ ସ୍ଥାନରେ ରହିଥିବା ବେଳେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି । ଅଷ୍ଟ୍ରେଲିଆ ଭିତ୍ତିକ ଲୋଇ ପ୍ରତିଷ୍ଠାନ ପକ୍ଷରୁ ଏହି ବାର୍ଷିକ ଏସିଆ ଶକ୍ତି ମାନକ ରିପୋର୍ଟରେ ଏସୀୟ ମହାଦେଶର ରାଷ୍ଟ୍ରଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥାଏ । ଏହାର ର୍‌ୟାଙ୍କିଙ୍ଗ୍ ଅନୁସାରେ ଉଭୟ ଭାରତ ଏବଂ ଚୀନ୍, ଅନେକ ଗୁଡ଼ିଏ ଉପାଦାନାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି । କିନ୍ତୁ ଉଭୟ ଦେଶ ମଧ୍ୟରେ ଏ କ୍ଷେତ୍ରରେ ବହୁ ବ୍ୟବଧାନ ରହିଛି ।

ଅନ୍ୟ ଏକ ବିଶେଷତ୍ୱ ହେଉଛି, ଭାରତର ନିରନ୍ତର ବୃଦ୍ଧି ପାଉଥିବା ଶକ୍ତି ଚଳିତବର୍ଷ ଏସିଆ ପାୱାର ଇଣ୍ଡେକ୍ସ ଦ୍ୱାରା ନିର୍ଦ୍ଧାରିତ ସୀମା ଅତିକ୍ରମ କରିବ ବୋଲି ରିପୋର୍ଟରେ କୁହାଯାଇଛି ।

---

## ରାଜନାଥ-ସିଡିଡି

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଭାରତ ଆଜି ବିଶ୍ୱସ୍ତରୀୟ ଆଲୋଚନାକୁ ଆକାର ଦେଉଛି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଓ ଗ୍ଲୋବାଲ ସାଉଥ୍ ଭାରତକୁ ଏକ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ଦେଖୁଛନ୍ତି । ଚାଣକ୍ୟ ପ୍ରତିରକ୍ଷା ବାର୍ତ୍ତାଳାପ ୨୦୨୫କୁ

ସମ୍ବୋଧିତ କରି ଶ୍ରୀ ସିଂ କହିଛନ୍ତି, ବିଶ୍ୱର ପରିବର୍ତ୍ତିତ ପରିସ୍ଥିତିରେ ଭାରତର ସ୍ଥାନ ମଧ୍ୟ ପରିବର୍ତ୍ତନ ହେଉଛି । ଦେଶରେ ବିସ୍ତାରିତ ଅର୍ଥନୀତି, ଅତ୍ୟାଧୁନିତ ପ୍ରଯୁକ୍ତିବିଦ୍ୟା ପ୍ରଗତି ଓ ନୀତିଗତ କୂଟନୀତି ପ୍ରତି ଆମର ଦାୟିତ୍ୱ ଅଧିକ ଦୃଢ଼ ହେବାରେ ଲାଗିଛି ।

ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଭାରତ ସର୍ବଦା ଶାନ୍ତି ଏବଂ ଆଲୋଚନାରେ ବିଶ୍ୱାସ କରିଆସିଛି । କିନ୍ତୁ ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି, ତା'ର କଡ଼ା ଜବାବ ଦିଆଯାଇଛି । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଆମ ଦେଶର ସଶସ୍ତ୍ର ବାହିନୀ ଏହା ପ୍ରମାଣ କରି ଦେଖାଇଛନ୍ତି ଯେ ଆମେ ସବୁବେଳେ ସକ୍ଷମ ଏବଂ ପ୍ରସ୍ତୁତ ରହିଛୁ ।

ଶ୍ରୀ ସିଂ ଏକଥା ମଧ୍ୟ କହିଛନ୍ତି, ସୁରକ୍ଷିତ ଭାରତ ବିନା ବିକଶିତ ଭାରତ ସମ୍ଭବ ନୁହେଁ ।

## ପିଏମ୍-ଛତିଶଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇ ଦିନିଆ ଛତିଶଗଡ଼ ଗସ୍ତରେ ଯିବେ । ସେଠାରେ ଶ୍ରୀ ମୋଦୀ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୬୦ତମ ସମ୍ମିଳନୀରେ ଯୋଗଦେବେ । ରାୟପୁରରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୩ ଦିନିଆ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଉଛି । ସେଠାରେ ପ୍ରଧାନମନ୍ତ୍ରୀ ଉଲ୍ଲେଖନୀୟ ସେବା ପାଇଁ କେତେଜଣ ପୋଲିସ୍ କର୍ମୀଙ୍କୁ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଦାନ କରିବେ । ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମର ରହିଛି ।

# ଶାହା-ଜ୍ୟୋତିବା ଫୁଲେ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମହାତ୍ମା ଜ୍ୟୋତିବା ଫୁଲେଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଜ୍ୟୋତିବା ଫୁଲେ ଜଣେ ମହାନ ସମାଜ ସଂସ୍କାରକ ଥିଲେ । ସେ ଶିକ୍ଷାକୁ ସାମାଜିକ ପରିବର୍ତ୍ତନର ମୂଳଦୁଆ ବୋଲି ବିବେଚନା କରୁଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ନାରୀଶିକ୍ଷାକୁ ସେ ସମର୍ଥନ କରୁଥିଲେ ଏବଂ ସମାଜକୁ ସାମାଜିକ କୁସଂସ୍କାରରୁ ମୁକ୍ତ କରିବା ପାଇଁ ନିରନ୍ତର ପ୍ରୟାସ କରିଥିଲେ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ବୁଦ୍ଧିଷ୍ଟ କନ୍‌ଫରେନ୍ସ

ଗ୍ରାମୀଣ ବୌଦ୍ଧ ଐତିହ୍ୟ ସଂରକ୍ଷଣ ଏକାଡେମୀ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଛଇ ।

ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ୍ ହେରିଟେଜ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଦ୍ୱାରା ଆୟୋଜିତ ୩ ଦିନିଆ କାର୍ଯ୍ୟକ୍ରମରେ ଗ୍ରାମୀଣ ବୌଦ୍ଧସ୍ଥଳ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଦିଗରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ନିମନ୍ତେ ବିଭିନ୍ନ ଉପାୟ ସଂପର୍କରେ ଆଲୋଚନା କରାଯିବ ।

ଏହି ସମ୍ମିଳନୀରେ ଅଭିନବ ସଂରକ୍ଷଣ ପ୍ରକ୍ରିୟା ଓ ବିକାଶ ମଡେଲ୍ ଗୁଡ଼ିକ ଉପରେ ମୁଖ୍ୟତଃ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଆଗାମୀ ଦିନରେ ବୌଦ୍ଧସ୍ଥଳ ଗୁଡ଼ିକର ସୁରକ୍ଷା ଦିଗରେ ଏହି ସମ୍ମିଳନୀରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଇଛି ।

---

## କାନାଡା -ଫାୟାର

କାନାଡାର ବ୍ରାମ୍ପଟନ୍‌ରେ ଭୟଙ୍କର ଅଗ୍ନିକାଣ୍ଡରେ ଭାରତୀୟ ନାଗରିକଙ୍କ ମୃତ୍ୟୁ ପାଇଁ ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି । ପ୍ରଭାବିତ ପରିବାର ସହ ଦୂତାବାସ ଯୋଗାଯୋଗରେ ରହିଛି ଏବଂ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି । ଏ ନେଇ ଟରଣ୍ଟୋରେ ଥିବା ଭାରତୀୟ କନ୍‌ସୁଲେଟ୍ ଜେନେରାଲ୍ ଆଜି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଗତ ୨୦ ତାରିଖରେ ବ୍ରାମ୍ପ୍‌ଟନ୍‌ର ବନାସ୍ ୱେ ରେ ଘଟିଥିବା ଅଗ୍ନିକାଣ୍ଡରେ ଅନେକ ସଦସ୍ୟ ଫଶି ରହିଥିଲେ । ଏଥିରେ ଜଣେ ୨ ବର୍ଷର ବାଳକ ସମେତ ଏକ ଭାରତୀୟ ପରିବାରର ୫ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ମୃତକମାନେ ଲୁଧିଆନା ଗୁରାମ୍‌ଗାଁର ବୋଲି ଜଣାପଡ଼ିଛି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ ।

---

## ଟ୍ରମ୍ପ-ଇମିଗ୍ରେସନ୍

ଆମେରିକାର ହ୍ୱାଇଟ୍ ହାଉସ୍ ନିକଟରେ ଆଫଗାନି ନାଗରିକ ୨ ଜଣ ନ୍ୟାଶନାଲ୍ ଗାର୍ଡ ସଦସ୍ୟଙ୍କ ଉପରେ ଗୁଳି ଚଳାଇବା ଘଟଣାରେ

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସେ କହିଛନ୍ତି, ଆଫଗାନିସ୍ତାନ ଭଳି ତୃତୀୟ ବିଶ୍ୱର ଦେଶଗୁଡ଼ିକ ପାଇଁ ସେ ସ୍ଥାୟୀ ଭାବେ ପ୍ରବାସନ ନୀତି ଲାଗୁ କରିବାକୁ ଚାହୁଁଛନ୍ତି । ଯଦି ଏଭଳି ହୁଏ, ତେବେ ଆମେରିକାରେ ଶିକ୍ଷା, ବୃତ୍ତିଗତ କାର୍ଯ୍ୟ କିମ୍ବା ଆଶ୍ରୟ ନେବା କ୍ଷେତ୍ରରେ ଲକ୍ଷଲକ୍ଷ ଲୋକ ପ୍ରଭାବିତ ହେବେ । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଆମେରିକା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବହୁ ଉନ୍ନତ ହୋଇଥିଲେ ମଧ୍ୟ ପ୍ରବାସନ ନୀତିରେ ପରିବର୍ତ୍ତନ ନ ହେବା ଯୋଗୁଁ ଦେଶର ବିକାଶ ଏବଂ ଜୀବନଧାରଣର ମାନ ବର୍ଷକୁ ବର୍ଷ ଦୁର୍ବଳ ହେବାରେ ଲାଗିଛି । ଏଭଳି ନିଷ୍ପତ୍ତି ନେବାର ଉଦ୍ଦେଶ୍ୟ ହେଉଛି, ବେନିୟମ ଭାବେ ଆମେରିକାକୁ ପ୍ରବେଶ କରୁଥିବା ଅନ୍ୟ ଦେଶର ନାଗରିକଙ୍କୁ ରୋକିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି ନ କରିବା ।

ପୂର୍ବରୁ ଆମେରିକାର ପ୍ରବାସନ ସେବା ନିର୍ଦ୍ଦେଶକ ଜୋଶେଫ୍ ଏଡ୍‌ଲୋ କହିଛନ୍ତି, କେତେକ ଦେଶ କ୍ଷେତ୍ରରେ ପ୍ରବାସନ ନୀତି ଲାଗୁ କରିବା ନେଇ ସ୍ଥିର କରାଯାଇଛି । ତେବେ ସେହି ଦେଶଗୁଡ଼ିକ ମଧ୍ୟରେ ଭାରତ ନାହିଁ।

ସୂଚନାଯୋଗ୍ୟ ଗତକାଲି ଘଟିଥିବା ଏହି ଗୁଳିକାଣ୍ଡରେ ଜଣେ ଜାତୀୟ ସୁରକ୍ଷା ଯବାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।